୧୩/୦୪/୧୯୮୯

# ଆମ ପରିବହନ ନୀତି

ଗତ ଅପ୍ରେଲ ୧୦ ତାରିଖରେ ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଟି.ପି. ମହାପାତ୍ର ଏବଂ ଶ୍ରୀଯୁକ୍ତ ଗୋପାଳସ୍ୱାମୀ ସେମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ପ୍ରଚଳିତ ବ୍ୟାନର ସ୍କିମ୍‌କୁ ଅବୈଧ ଓ ଅଧିକାର ବହିର୍ଭୂତ ବୋଲି ଘୋଷଣା କରିଦେବା ଫଳରେ ସଡ଼କ ପରିବହନ କ୍ଷେତ୍ରରେ ଏକ ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଛି । ଗୋଟିଏ ବିକାଶଶୀଳ ଗଣତାନ୍ତ୍ରିକ ରାଜ୍ୟରେ ଏକ ସୁଚିନ୍ତିତ ପରିବହନ ନୀତି ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏକଥା ସମସ୍ତେ ସ୍ୱୀକାର କରିବେ । ବିଶେଷକରି ଓଡ଼ିଶା ପରି ଏକ ରାଜ୍ୟରେ ଏହାର ଆବଶ୍ୟକତା ଯଥେଷ୍ଟ ଅଧିକ । ଓଡ଼ିଶାର ଭାବଗତ ଏକତା ପାଇଁ ଏବଂ ଆଞ୍ଚଳିକ ବୈଷମ୍ୟ ଦୂରକରି ସମତୁଲ ଅର୍ଥନୈତିକ ବିକାଶ ପାଇଁ ସଡ଼କ ପରିବହନ ମୂଳରୁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି । କାରଣ, ଓଡ଼ିଶାର ସବୁ ଜିଲ୍ଲାକୁ ଯୋଡ଼ିବା ପାଇଁ ଏବଂ ଯାତ୍ରୀମାନଙ୍କର ଗମନାଗମନର ସୁବିଧା ପାଇଁ କେବଳ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କୁ ଛାଡ଼ିଦେଲେ ଭାରତୀୟ ରେଳବାଇ ସେପରି କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେଇ ନାହାନ୍ତି । ତେଣୁ ସଡ଼କ ପରିବହନ ସ୍ୱାଭାବିକ ଭାବେ ଆମ ସମସ୍ତଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

ଯାତ୍ରୀମାନଙ୍କର ଗମନାଗମନ ପାଇଁ ସଡ଼କ ପରିବହନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ସରକାରଙ୍କର ପରିବହନ ନୀତିରେ ଏହି ଗୁରୁତ୍ୱ ପ୍ରତିଫଳିତ ହେଉଥିଲା ପରି ମନେ ହେଉନାହିଁ । ସରକାର ଯେ ମୂଳରୁ ଏକ କାମଚଳା ମନୋବୃତ୍ତିର ଶିକାରହୋଇ ତାଙ୍କ ପରିବହନ ନୀତିର ସମସ୍ତ ଦୁର୍ବଳତାକୁ ପ୍ରଶାସନିକ କ୍ଷମତା ବଳରେ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରି ଆସିଛନ୍ତି ଏବଂ ଅସହାୟ ବେସରକାରୀ ବସ୍ ମାଲିକମାନଙ୍କୁ ଅଯଥାରେ ଏ ନୀତିକୁ ଗ୍ରହଣ କରିବା ପାଇଁ ବାଧ୍ୟ କରି ଆସିଛନ୍ତି, ତାହା ଉକ୍ତ ରାୟ ଦ୍ୱାରା ଅଧିକ ସ୍ପଷ୍ଟ ହୋଇଯାଇଛି । ସରକାର ୧୯୮୧ ମସିହାଠାରୁ ଯାତ୍ରୀ ପରିବହନ କ୍ଷେତ୍ରରେ ବିଭିନ୍ନ ପରୀକ୍ଷାମୂଳକ ସ୍କିମ୍ ଚଳାଇ ଆସିଛନ୍ତି । ୧୯୮୧ ମସିହାର ରୟାଲଟି ସ୍କିମ୍ ହାଇକୋର୍ଟ ଦ୍ୱାରା ଅସିଦ୍ଧ ହୋଇଯିବା ପରେ ୧୯୮୩ ମସିହାରେ ବ୍ୟାନର ସ୍କିମ୍ ପ୍ରଚଳନ କରାଗଲା । ତାହା ମଧ୍ୟ ବସ୍ ମାଲିକମାନେ ଗ୍ରହଣ କରିବା ପାଇଁ ରାଜି ନଥିଲେ । ଅତିନାଟକର ନାଲି

ଆମ ଭାରତର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଆଖି ଦେଖାଇ ବସ୍‌ମାଲିକ ସଂଘ ସହିତ ଆଲୋଚନା କରି ବ୍ୟାନର ସ୍କିମ୍ ପ୍ରଚଳନ କରାଗଲା । ଏହା ପ୍ରଚଳନ କରାଯିବାର ମାତ୍ର ଗୋଟିଏ ବର୍ଷ ପରେ ପ୍ରାୟ ୯ କୋଟି ଟଙ୍କା ସରକାରଙ୍କର କ୍ଷତି ହେଲା । ଫଳରେ ୧୯୮୫ ମସିହାରୁ ଆଉ ଏକ ସଂଶୋଧିତ ବ୍ୟାନର ସ୍କିମ୍ ଲାଗୁ କରାଯାଇଅଛି, ଯାହାକୁ ମାନ୍ୟବର ବିଚାରପତିଦ୍ୱୟ ଅସିଦ୍ଧ ଘୋଷଣା କରିଛନ୍ତି । ଏହି ସଂଶୋଧିତ ବ୍ୟାନର ସ୍କିମ୍‌ରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବାର୍ଷିକ ପ୍ରାୟ ୮୫ ଲକ୍ଷ ଟଙ୍କା ବସ୍‌ମାଲିକମାନଙ୍କଠାରୁ ଆଦାୟ କରୁଥିଲା । ଏହାକୁ ବସ୍‌ମାଲିକମାନେ 'ଓଲୁ କର' ଓ 'ଜିଜିୟା କର' ଆଖ୍ୟା ମଧ୍ୟ ଦେଇଥିଲେ । ଓଡ଼ିଶାର ମୋଟ ୨୭୦୦ ଯାତ୍ରୀବାହୀ ବସ୍ ମଧ୍ୟରୁ ୭୦୦ ବସ୍ ନିଗମର ନିଜସ୍ୱ ହୋଇଥିବାବେଳେ ପ୍ରାୟ ୯୦୦ ବେସରକାରୀ ବସ୍ ତାଙ୍କ ପ୍ରଚଳିତ ବ୍ୟାନର ସ୍କିମ୍‌ରେ ଚାଲୁଅଛି । ଅବଶିଷ୍ଟ ୧୧୦୦ ବସ୍ ସମ୍ପୂର୍ଣ୍ଣ ବେସରକାରୀ ଭାବରେ ସିଧାସଳଖ ପରମିଟ୍ ହାସଲ କରି ଚାଲୁଛନ୍ତି । ବର୍ତ୍ତମାନ ଆମର ମୌଳିକ ପ୍ରଶ୍ନ ହେଲା, ଆମ ପରିବହନ ନୀତି କାହାପାଇଁ ଏବଂ କାହାର ସ୍ୱାର୍ଥସାଧନ କରିବା ପାଇଁ ? ସରକାରୀ ନିଗମ ନିଜର କ୍ଷତିକୁ ଭରଣା କରିବା ପାଇଁ ବେସରକାରୀ ବସ୍‌ମାଲିକଙ୍କ ଉପରେ ସେ କରଭାରକୁ ଲଦିଦେବା କେତେଦୂର ଯୁକ୍ତିଯୁକ୍ତ ? ସରକାରଙ୍କର ଜାତୀୟକରଣ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । କିନ୍ତୁ ଯିଏ ୭୦୦ଟି ବସ୍ ଠିକ୍‌ଭାବେ ଚଳାଇପାରୁ ନାହିଁ, ସିଏ ୨୭୦୦ଟି ବସ୍ କିପରି ଚଳାଇବ ? ଯେଉଁମାନେ ସରକାରୀ ବସ୍‌ରେ ବସିଛନ୍ତି, ସେମାନେ ଏକଥା ଭଲଭାବେ ଜାଣନ୍ତି । ଆମ ମନ୍ତ୍ରୀ ଓ ଶାସନ ସଚିବମାନେ ବସ୍‌ରେ ତ ଯିବାଆସିବା କରନ୍ତି ନାହିଁ, ସେ ସମସ୍ୟାକୁ ବୁଝିବେ ବା କିପରି ? ତା ନ ହୋଇଥିଲେ ଖୋଦ୍ ପରିବହନ ମନ୍ତ୍ରୀ ଛାତ୍ରଛାତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ବାଦିକମାନଙ୍କୁ ବସ୍‌ଭଡ଼ା ବାବଦକୁ ଦିଆଯାଉଥିବା ରିହାତି ଫଳରେ ପ୍ରାୟ ୪ କୋଟି ଟଙ୍କା ନିଗମର କ୍ଷତି ହେଉଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରକାଶ କରି ନଥାନ୍ତେ !

ହାଇକୋର୍ଟର ରାୟ ଫଳରେ ସରକାରଙ୍କୁ ବର୍ତ୍ତମାନ ଯେତେ ଅସୁବିଧା ହେଲେ ମଧ୍ୟ ତାଙ୍କ ପରିବହନ ନୀତିକୁ ସୁସ୍ପଷ୍ଟ ଓ ଯୁକ୍ତିଯୁକ୍ତ କରିବା ପାଇଁ ଆଉ ଏକ ନୂଆ ସୁଯୋଗ ମିଳିଛି । ଏ ସୁଯୋଗକୁ ହାତଛଡ଼ା କଲେ ଏବଂ ପୁଣି ସେହି କାମଚଳା ମନୋବୃତ୍ତି ପୋଷଣ କଲେ ତାହା କ୍ଷମଣୀୟ ହେବନାହିଁ । ପରିବହନ ନୀତି କେବଳ ଜନାଭିମୁଖୀ ହେଲେ ଯଥେଷ୍ଟ ହେବନାହିଁ । ଏହାସହିତ ପ୍ରାୟ ୨ ହଜାର ଶିକ୍ଷିତ ଏବଂ ଆତ୍ମନିଯୁକ୍ତ ସ୍ୱାଭିମାନୀ ଓଡ଼ିଆ ବସ୍‌ମାଲିକଙ୍କର ଭବିଷ୍ୟତ ମଧ୍ୟ ଯୋଡ଼ିହୋଇ ରହିଛି । ସେମାନେ ସମସ୍ତେ ଜମିବନ୍ଧକ ଦେଇ ହେଉ ବା ଗହଣା ବିକ୍ରୀ କରି ହେଉ ଅର୍ଥ ଲଗାଣ ସଂସ୍ଥାଠାରୁ ଋଣକରି ବସ୍ ଚଳାଇ ଆସିଛନ୍ତି । ପରିବହନ ନିଗମର ଅପାରଗତା ଓ ଦୁର୍ବଳତାକୁ ଘଣ୍ଟ ଘୋଡ଼ାଇବା ଦାୟିତ୍ୱ ଅପେକ୍ଷା ଏମାନଙ୍କର ଥଇଥାନର ନୈତିକ ଦାୟିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ କି ?